II-UG-C1-Maj–Odi-III

UG 2nd Semester Examination, 2026(Reg)

ODIA

Full Marks : 100

Time : 3 hours

Answer **all** questions

The figures in the right-hand margin indicate marks

ଭାଗ–୧

୧। ନିମ୍ନୋକ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ପ୍ରତ୍ୟେକ *ଗୋଟିଏ* ଶବ୍ଦ ବା *ଗୋଟିଏ* ବାକ୍ୟରେ ପ୍ରଦାନ କର : ୧ × ୧୦

(କ) ପ୍ରାକ୍-ସାରଳା ସାହିତ୍ୟ ଯୁଗର ସମୟସୀମା ଉଲ୍ଲେଖ କର ।

(ଖ) ପ୍ରାକ୍-ସାରଳା ସାହିତ୍ୟ ମୁଖ୍ୟତଃ କେଉଁ କେଉଁ ଧର୍ମୀୟ ଚେତନାକୁ ନେଇ ବିକଶିତ ହୋଇଛି ?

(ଗ) ଚର୍ଯ୍ୟାଗୀତିକା କେଉଁ ଭାଷାରେ ରଚିତ ?

(ଘ) 'ଚର୍ଯ୍ୟାଗୀତିକା' ସମ୍ପର୍କରେ ଡକ୍ଟର କରୁଣାକର କରଙ୍କ ଦ୍ୱାରା ଲିଖିତ ଗବେଷଣା ଗ୍ରନ୍ଥଟିର ନାମ କ'ଣ ?

(ଙ) 'ଗୋରେଖ ସଂହିତା ଅନୁସାରେ ନାଥଧର୍ମର ପ୍ରବର୍ତ୍ତକ କିଏ ?

(ଚ) ସାରଳା ଦାସଙ୍କ ପ୍ରଥମ ରଚିତ ଗ୍ରନ୍ଥଟିର ନାମ କ'ଣ ?

(ଛ) ମୁଖ୍ୟତଃ କେଉଁ ସାଧନ ତତ୍ତ୍ୱକୁ ଆଧାର କରି ବଳରାମ ଦାସଙ୍କ 'ବ୍ରହ୍ମାଣ୍ଡ ଭୂଗୋଳ' ରଚିତ ?

(ଜ) ଷୋଡ଼ଶ ଶତାବ୍ଦୀର ପଞ୍ଚସଖା କେଉଁ ଧର୍ମର ସାଧକ ଥିଲେ ?

(ଝ) ଜଗନ୍ନାଥ ଦାସଙ୍କ କେଉଁ ଗ୍ରନ୍ଥଟି ଓଡ଼ିଆ ଜାତି ପାଇଁ ଶ୍ରେଷ୍ଠ ଅବଦାନ ?

(ଞ) 'ଶବ୍ଦ ବ୍ରହ୍ମ ସଂହିତା'ର ରଚୟିତା କିଏ ?

ଭାଗ–୨

୨। ନିମ୍ନୋକ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ପ୍ରତ୍ୟେକ ୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୨ × ୯

(କ) ଧର୍ମତତ୍ତ୍ୱ ଦୃଷ୍ଟିରୁ ସହଜଯାନର 'ସହଜ' ଶବ୍ଦର ଅର୍ଥ କ'ଣ ?

(ଖ) ସହଜଯାନର ପ୍ରବର୍ତ୍ତିକା ଏବଂ ତାଙ୍କ ରଚିତ ଗ୍ରନ୍ଥଟିର ନାମ କ'ଣ ?

(ଗ) ପ୍ରଥମ ଚର୍ଯ୍ୟାରେ 'ପଞ୍ଚ ବି ଡାଳ'ର ଅର୍ଥ ଲେଖ ।

(ଘ) 'ସିଷ୍ଣୁବେଦ'ର ଅର୍ଥ କ'ଣ ?

(ଙ) ଶ୍ରୀ ଜଗନ୍ନାଥ ଚେତନାର ଉନ୍ମେଷ ସାରଳା ମହାଭାରତର କେଉଁ ପର୍ବରେ ଦେଖିବାକୁ ମିଳେ ?

(ଚ) ଶ୍ରୀ ଚୈତନ୍ୟ କେଉଁ ଧର୍ମ-ସଂପ୍ରଦାୟର ସାଧକ ଥିଲେ ?

(ଛ) ବଳରାମ ଦାସଙ୍କ ରାମାୟଣ କି କି ନାମରେ ନାମିତ ?

(ଚ) ପଞ୍ଚ ମହାପୁରାଣ ମଧ୍ୟରୁ ଅଚ୍ୟୁତାନନ୍ଦ ଦାସ କେଉଁ ଗ୍ରନ୍ଥର ରଚୟିତା ?

(ଛ) ଅନନ୍ତ ଦାସଙ୍କ ରଚିତ ଗ୍ରନ୍ଥ ଗୁଡ଼ିକର ନାମ ଉଲ୍ଲେଖ କର ।

ଭାଗ–୩

୩। ନିମ୍ନୋକ୍ତ ଯେ କୌଣସି *ଆଠଟିର* ଉତ୍ତର ପ୍ରତ୍ୟେକ *୨୫୦* ଶବ୍ଦ ମଧ୍ୟରେ ପ୍ରଦାନ କର : ୫×୮

(କ) ଚର୍ଯ୍ୟାଗୀତିକାର ଆବିଷ୍କାର ସମ୍ପର୍କରେ ସୂଚନା ଦିଅ ।

(ଖ) 'ସାନ୍ଧ୍ୟଭାଷା' କ'ଣ ?

(ଗ) ଲୁଇପାଦଙ୍କ ପ୍ରଥମ ଚର୍ଯ୍ୟାରେ ବ୍ୟବହୃତ ହୋଇଥିବା ପ୍ରାଚୀନ ଓଡ଼ିଆ ଶବ୍ଦ ଗୁଡ଼ିକ ଉଲ୍ଲେଖ କର ।

(ଘ) ହଠଯୋଗରେ 'ହ-ଠ' ଶବ୍ଦର ସାଂକେତିକ ଅର୍ଥ କ'ଣ ?

(ଙ) ନାଥଧର୍ମକୁ ଆଧାର କରି ଯଶୋବନ୍ତ ଦାସଙ୍କ ରଚିତ ଗ୍ରନ୍ଥଟିର ନାମ କ'ଣ ?

(ଚ) ସଂସ୍କୃତ 'ସପ୍ତଶତୀ ଚଣ୍ଡୀ' ଠାରୁ ସାରଳା ଦାସଙ୍କ 'ଚଣ୍ଡୀ ପୁରାଣ' ରେ ମହିଷାସୁରର ଆକୃତିରେ କି ଭିନ୍ନତା ଦେଖିବାକୁ ମିଳେ ?

(ଛ) ବଳରାମ ଦାସଙ୍କୁ ମତ୍ତ ବଳରାମ ଦାସ କୁହାଯିବାର ମତ ଟି କ'ଣ ?

(ଜ) ଶ୍ରୀ ଚୈତନ୍ୟଙ୍କ ସହ ଜଗନ୍ନାଥ ଦାସଙ୍କ ଭାଗବତ ସମ୍ପର୍କ କିପରି ଥିଲା ?

(ଝ) 'ଗୁରୁଭକ୍ତି ଗୀତା'ର ରଚୟିତା କିଏ ? ଗ୍ରନ୍ଥଟିର ସୂଚନା ପ୍ରଦାନ କର ।

(ଞ) 'ପ୍ରେମଭକ୍ତି ବ୍ରହ୍ମଗୀତା'ର ଟିପ୍ପଣୀ ପ୍ରଦାନ କର ।

ଭାଗ–୪

୪। ନିମ୍ନୋକ୍ତ ଯେ କୌଣସି *ଚାରୋଟିର* ଉତ୍ତର ପ୍ରତ୍ୟେକ ୮୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୮×୪

(କ) 'ଚର୍ଯ୍ୟାଗୀତିକା'ର ଧର୍ମୀୟ ମୂଲ୍ୟ ଆକଳନ କର ।

(ଖ) ନାଥଧର୍ମକୁ ଆଧାର କରି ରଚିତ ଓଡ଼ିଆ ଗ୍ରନ୍ଥ ଗୁଡ଼ିକର ପରିଚୟ ପ୍ରଦାନ କର ।

(ଗ) ସାରଳା ସାହିତ୍ୟର ସାଂସ୍କୃତିକ ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କର ।

(ଘ) ଓଡ଼ିଆ ଜାତୀୟ ଜୀବନ ନିର୍ମାତାରେ ଜଗନ୍ନାଥ ଦାସଙ୍କ 'ଶ୍ରୀମଦ୍ ଭାଗବତ' ର ପ୍ରଭାବ ଆକଳନ କର ।

(ଙ) ପଞ୍ଚସଖାଙ୍କ ସାହିତ୍ୟରେ ସମାଜ ସଂସ୍କାରମୁଖୀ ଚେତନା କିପରି ନିହିତ ଅଛି, ଆଲୋଚନା କର ।
